# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ, ରାୟଗଡ଼

ତାରିଖ:୦୨ .୦୭.୨୦୨୬

ପତ୍ର ସଂଖ୍ୟା:୬୯୬/୨୦୨୬

## ଅଙ୍ଗନୱାଡି ସହାୟିକା ପଦବୀ ଚୟନ ନିମନ୍ତେ ବିଜ୍ଞାପନ

ଏତଦ୍ୱାରା ରାୟଗଡ଼ ପ୍ରକଳ୍ପ ଅଧିନର ସମସ୍ତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛି ଯେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ରାୟଗଡ଼ ଅଧିନରେ ଖାଲିଥିବା ନିମ୍ନ ୧୦ ଗୋଟି ଅଙ୍ଗନୱାଡି କେନ୍ଦ୍ରର ଅଙ୍ଗନୱାଡି ସହାୟିକା ପଦବୀନିମନ୍ତେ ଅନଲାଇନ (online) ମାଧ୍ୟମରେ ଦରଖାସ୍ତ ପତ୍ର ଆହ୍ୱାନ ନିମନ୍ତେ ଶିଶୁ ବିକାଶ ପ୍ରକଳ୍ପ, ରାୟଗଡ଼ କାର୍ଯ୍ୟାଳୟ ତରଫରୁ ବିଜ୍ଞପ୍ତି ଜାରି କରାଗଲା। ଆଗ୍ରହୀ ପାର୍ଥୀନି ମାନେ ପ୍ରଦତ୍ତ https://engagement-awc.odisha.gov.in/landing ୱେବସାଇଟର public login ମାଧ୍ୟମରେ ଧାର୍ଯ୍ୟ ସମୟ ମଧ୍ୟରେ ଆବେଦନ କରିପାରିବେ ।

ଓଡ଼ିଶା ସରକାରଙ୍କ, ମହିଳା ଓ ଶିଶୁ ବିକାଶ ବିଭାଗ ଭୁବନେଶ୍ୱର ଚିଠି ସଂଖ୍ୟା 4970 ତାରିଖ 15.3.2023 ଅନୁସାରେ ଅଙ୍ଗନୱାଡି ସହାୟିକା ଚୟନ କରାଯିବ। ନିମ୍ନଲିଖିତ ଯୋଗ୍ୟତା ସଂପୂର୍ଣ୍ଣ ପ୍ରାର୍ଥିନୀମାନେ ଖାଲିଥିବା ଅଙ୍ଗନୱାଡି ସହାୟିକା ପଦବୀ ସକାଶେ ଆବେଦନ କରିପାରିବେ ।

1. ଆବେଦନକାରୀ ସ୍ଥାନୀୟ ଅଞ୍ଚଳର ମହିଳା, ଅଙ୍ଗନୱାଡି କେନ୍ଦ୍ରାଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ଓ ପ୍ରାର୍ଥିନୀଙ୍କ ପାଖରେ ସ୍ଥାନୀୟ ତହସିଲଦାରଙ୍କ ଠାରୁ ପ୍ରଦାନ କରାଯାଇଥିବା ବୈଧ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ଏହାକୁ online upload କରିବେ ।
2. ଦରଖାସ୍ତକାରୀଙ୍କ ବୟସ ତା ୦୧.୦୧.୨୦୨୬ ରିଖ ସୁଦ୍ଧା ୧୮ ବର୍ଷ ପୂର୍ଣ୍ଣ ହୋଇଥିବ ଏବଂ 35 ବର୍ଷରୁ ଅଧିକ ହୋଇ ନଥିବ। ବୟସ ପ୍ରମାଣ ସ୍ୱରୂପ ଦଶମ (୧୦ ମ ) ବୋର୍ଡ ପାସ ସାର୍ଟିଫିକେଟ ଅପଲୋଡ କରିବେ।
3. ଅଙ୍ଗନୱାଡି ସହାୟିକା ପଦବୀ ସକାଶେ ଆବେଦନକାରୀଙ୍କ ଶିକ୍ଷାଗତ ଯୋଗ୍ୟତା ଅନ୍ୟୁନ +2 ପାସ (ଦ୍ୱାଦଶ ଶ୍ରେଣୀ) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । ଆବେଦନକାରୀ ଦରଖାସ୍ତ ଫର୍ମରେ ଆବଶ୍ୟକୀୟ ସମସ୍ତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ରର ଅବିକଳ ନକଲ ସହିତ ମାର୍କଲିଷ୍ଟର ଅବିକଳ ନକଲ online ରେ upload କରିଥିବା ଜରୁରୀ ଅଟେ ।
4. ଆବେଦନକାରୀଙ୍କ ଓଡିଆ ଜ୍ଞାନ ଥିବା ନିଶ୍ଚିତ ଜରୁରୀ ଅଟେ । ଯଦି ଆବେଦନକାରୀ ମାଧ୍ୟମିକ ଶିକ୍ଷା ବୋର୍ଡ, ଓଡିଶାଙ୍କ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ଉତୀର୍ଣ୍ଣ ହୋଇନଥିବେ ଏବଂ ଅନ୍ୟ ଶିକ୍ଷା ବୋର୍ଡ ଦ୍ୱାରା ଉତୀର୍ଣ୍ଣ ହୋଇଥିବେ ତେବେ ସେମାନଙ୍କ କ୍ଷେତ୍ରରେ ଓଡିଆରେ ସର୍ବନିମ୍ନ ୭ମ ଶ୍ରେଣୀ ପାସ ହୋଇଥିବା ଆବଶ୍ୟକ ଏବଂ ସେଥିପାଇଁ ସେ ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନରୁ ପ୍ରାପ୍ତ ହୋଇଥିବା ପ୍ରମାଣ ପତ୍ର ଦାଖଲ କରିବା ଆବଶ୍ୟକ ଅଟେ ।
5. ଆବେଦନକାରୀ ଯଦି ଅନୁସୂଚିତ ଜନଜାତି / ଅନୁସୂଚିତ ଜାତି ହୋଇଥାନ୍ତି ତେବେ ସମ୍ପୃକ୍ତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ବୈଧ ଜାତିଗତ ପ୍ରମାଣ ପତ୍ର ମଧ୍ୟ upload କରିବା ଆବଶ୍ୟକ ଅଟେ ।
6. ଆବଶ୍ୟକୀୟ ଶିକ୍ଷାଗତ ଯୋଗ୍ୟତା ଥିବା ଏବଂ ଅନନ୍ୟ ମାନଦଣ୍ଡ ପୂରଣ କରିଥିବା ପ୍ରାର୍ଥିନୀ ବିଧବା / ଅନାଥ ଝିଅ ( ଜୈବିକ କିମ୍ବା ଆଇନଗତ ପିତାମାତା ନ ଥିବା ) / ନିରାଶ୍ରୟୀ / ଛାଡପତ୍ର ପ୍ରାପ୍ତ / ପରିତ୍ୟକ୍ତା ମହିଳା ହୋଇଥିବେ / ଅନ୍ୟୁନ ଯୋଗ୍ୟତା ଠାରୁ ଉଚ୍ଚ ଯୋଗ୍ୟତା ପରୀକ୍ଷାରେ ଉତୀର୍ଣ୍ଣ ହୋଇଥାନ୍ତି ତେବେ ତତ ସମ୍ବନ୍ଧିୟ ପ୍ରମାଣ ପତ୍ର ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବଶ୍ୟକ , ଏବଂ ସେ ତାହାର ଅବିକଳ ନକଲ online ରେ upload କରିବା ଆବଶ୍ୟକ ଅଟେ ।
7. ପ୍ରାର୍ଥିନୀ ନିଜର ବର୍ତ୍ତମାନର ପାସପୋର୍ଟ ସାଇଜ ଫୋଟୋ ଏବଂ ଆଧାର କାର୍ଡ ପୋର୍ଟାଲରେ ଅପଲୋଡ କରିବେ।
8. ଆବେଦନକାରୀ କୌଣସି ନିର୍ବାଚିତ ପ୍ରତିନିଧି ହୋଇନଥିବେ।
9. ଅଙ୍ଗନୱାଡି ସହାୟିକା ପିଲାମାନଙ୍କୁ ରୋଷେଇ କରି ଖାଇବାକୁ ଦେବ ଏବଂ ଅଙ୍ଗନୱାଡି କେନ୍ଦ୍ରର ଦୈନନ୍ଦିନ କାର୍ଯ୍ୟ କରିବାରେ ଅଙ୍ଗନୱାଡି କର୍ମୀଙ୍କୁ ସାହାଯ୍ୟ କରିବାକୁ ଇଚ୍ଛୁକ ଥିବା ଆବଶ୍ୟକ ।
10. ପ୍ରାର୍ଥିନୀଙ୍କ ପାଇଁ ସରକାରଙ୍କ ନିର୍ଦ୍ଦେଶାବଳି ପ୍ରକାରେ ଓଡିଶା ସରକ୍ଷଣ ନିୟମ ORV ACT ଏହି ଚୟନକୁ ଲାଗୁ ହେବ ନାହିଁ । ମୁଖ୍ୟତଃ, ଅନୁସୂଚିତ ଅଞ୍ଚଳରେ ST/SC ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯିବ।
11. ଆବେଦନକାରୀ ଭବିଷ୍ୟତରେ ନିୟମିତ ନିମନ୍ତେ କୌଣସି ପ୍ରକାର ଦାବି କରିପାରିବେ ନାହିଁ ।

12. ଅଙ୍ଗନୱାଡି ସହାୟିକାଭାବେ ମନୋନୀତ ହୋଇ  କାମରେ ନିୟୋଜିତ ପ୍ରାର୍ଥୀ ସାଧାରଣତଃ 60 ବର୍ଷ ବୟସ ଯାଏଁ କାମ କରିବେ। 60 ବର୍ଷ ପରେ ପୁନଃ ନିୟୋଜିତ ହେବାକୁ ଚାହୁଁ ଥିବା ସହାୟିକାମାନେ ବିଭାଗ ଆଦେଶ ନଂ 3657 ତା 02.03.2019 ଅନୁଯାୟୀ ଦୁଇ ବର୍ଷ ବୃଦ୍ଧି ପାଇଁ  ଆବେଦନ କରି ପାରିବେ।

13. ଦରଖାସ୍ତକାରୀ ମାନେ ବିଜ୍ଞପ୍ତି ଜାରି ହେବାର ୧୫ ଦିନ ମଧ୍ୟରେ ତା ୦୩/୦୭/୨୦୨୬ ରିଖ ଠାରୁ ତା ୧୭/୦୭/୨୦୨୬ ରିଖ ପର୍ଯ୍ୟନ୍ତ online ମାଧ୍ୟମରେ ଆବେଦନ କରିପାରିବେ।

14. ଦରଖାସ୍ତ ଗ୍ରହଣ ଶେଷ ହେବା ପରେ ଅର୍ଥାତ ତା ୧୮/୦୭/୨୦୨୬ ରିଖ ପୂର୍ବାହ୍ନ ୧୧:୦୦ ଘଣ୍ଟିକା ସମୟରେ ଆବେଦନ କାରୀ online ମାଧ୍ୟମ ରେ upload କରିଥିବା ସାର୍ଟିଫିକେଟ ର ଅବିକଳ ନକଲ ମୂଳ (original) ପ୍ରମାଣ ପତ୍ର ସହ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ  ଉପସ୍ଥିତ ରହିବେ । ଉକ୍ତଦିନ ଚୟନ  କମିଟି ଦ୍ୱାରା ମୂଳ ସାର୍ଟିଫିକେଟ ଯାଞ୍ଚ (certificate verification ) କରାଯାଇ ଏକ ତାଲିକା ପ୍ରସ୍ତୁତ କରାଯିବ।

15. ଉକ୍ତ ତାଲିକାରେ ଆବେଦନ କାରୀଙ୍କ ସ୍ଥାୟୀ ବାସିନ୍ଦା/ଶିକ୍ଷାଗତ ଯୋଗ୍ୟତା /ଜାତି ଗତ ପ୍ରମାଣ ପତ୍ର ରେ ଯଦି କିଛି ତ୍ରୁଟି ଥାଏ ତା ହେଲେ, ଯେ କୌଣସି ବ୍ୟକ୍ତି ବା ପ୍ରାର୍ଥୀ( 7 ଦିନ) ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଅନଲାଇନ୍ ମାଧ୍ୟମରେ ଅଭିଯୋଗ କରିପାରିବେ ।

16. ଚୟନ ପ୍ରକ୍ରିୟା ସମ୍ପୂର୍ଣ ଭାବେ ଓଡିଶା ସରକାରଙ୍କ ଅଙ୍ଗନୱାଡି ସହାୟିକା  ଚୟନ ପ୍ରକ୍ରିୟା ମାର୍ଗ ଦର୍ଶିକା ଅନୁଯାଇ କରାଯିବ।

**ଯଥା**

ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ହାସଲ କରିଥିବା ମାର୍କ ଆଧାରରେ ଆବେଦନକାରୀଙ୍କ ମେରିଟ ଲିଷ୍ଟ ପ୍ରସ୍ତୁତ କରାଯିବ। ପ୍ରଥମ ସୁଯୋଗରେ ଫେଲ ହୋଇଥିବା ବିଷୟରେ ପାଇଥିବା ମାର୍କକୁ କାଟିବା ଏବଂ ଉକ୍ତ ବିଷୟରେ ପରବର୍ତ୍ତୀ ପରୀକ୍ଷା ଦେଇ ପାସ ହେବା ପରେ ପ୍ରାପ୍ତ ମାର୍କକୁ ସେହି ସ୍ଥାନରେ ଯୋଡାଯିବ ଏବଂ ସେହି ଅନୁଯାୟୀ ଶତକଡା ଗଣନା କରାଯିବ।

- ଉପରୋକ୍ତ ବ୍ୟତିତ ନିମ୍ନଲିଖିତ ବର୍ଗଗୁଡିକୁ ଅତିରିକ୍ତ ପଏଣ୍ଟ ପ୍ରଦାନ କରିବା ସହ ଅଗ୍ରାଧିକାର ପ୍ରଦାନ କରାଯିବ ।

| କ୍ରମିକ ସଂଖ୍ୟା | ବର୍ଗ | ଅତିରିକ୍ତ ପଏଣ୍ଟ |
|---|---|---|
| ୧ | ଅନୁସୂଚିତ ଜନଜାତି  /ଅନୁସୂଚିତ ଜାତି | ୧୦ |
| ୨ | ବିଧବା | ୧୦ |
| ୩ | ଜୈବିକ କିମ୍ବା ଆଇନଗତ ପିତାମାତା ନ ଥିବା (ଅନାଥ ଝିଅ) | ୧୦ |
| ୪ | ନିରାଶ୍ରୟ  /ଛାଡପତ୍ରପ୍ରାପ୍ତ / ପରିତ୍ୟକ୍ତା ମହିଳା | ୫ |
| ୫ | ଯଦି ପ୍ରାର୍ଥୀ ଉଚ୍ଚ ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି | ୫ |

ଦରଖାସ୍ତ ଆହ୍ୱାନ ନିମନ୍ତେ ଅଙ୍ଗନୱାଡି କେନ୍ଦ୍ରର ତାଲିକା:-

| କ୍ରଂ ନଂ | ମଣ୍ଡଳର ନାମ | ଗ୍ରାମପଞ୍ଚାୟତର ନାମ | ଅଙ୍ଗନୱାଡି କେନ୍ଦ୍ରର ନାମ |
|---|---|---|---|
| ୧ | କୋଟାପେଟା | କାମମାଲିଗାଁ | ଦୁଖୀନାୟକଗୁଡା ଓ କଣ୍ଟି ଗୁଡା |
| ୨ | ପିଟାମହଲ | ପିଟାମହଲ | କାଣ୍ଡିଲି |
| ୩ | ପିଟାମହଲ | ତାଦମା | ପେଦିଗାଁ |
| ୪ | ହାଟସେଷଖାଲ | ଗାଜିଗାଁ | ବିଲେସୁ |
| ୫ | ହାଟସେଷଖାଲ | କେରେଡା | ଅପମଲୱାଲସା |
| ୬ | ହାଟସେଷଖାଲ | କେରେଡା | ଅଡଡା |
| ୭ | ହାଟସେଷଖାଲ | କେରେଡା | କେରେଡା |
| ୮ | ଜିମିଡିପେଟା | ଜିମିଡିପେଟା | ପାର୍ଟପୁର |

| | | | |
|---|---|---|---|
| ୯ | ଜିମିଡିପେଟା | ବଡ ଇର୍କୁବାଡ଼ି | ସାନ ଇର୍କୁବାଡ଼ି |
| ୧୦ | ଜିମିଡିପେଟା | ବୈରାଗି ହାଲୁଆ | ବୈରାଗି ହାଲୁଆ |

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
RAYAGADA
ରାୟଗଡ଼

ପରିପତ୍ର ସଂଖ୍ୟା: ୪୯୭ ତାରିଖ: ୦୭.୦୭.୨୦୨୬

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ ରାୟଗଡା /ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ରାୟଗଡା / ଗୋଷ୍ଠୀ ଉନ୍ନୟନ ଅଧିକାରୀ; ପଞ୍ଚାୟତ ସମିତି, ରାୟଗଡ଼ / ଭାରପ୍ରାପ୍ତ ସ୍ୱାସ୍ଥ୍ୟଅଧିକାରୀ, ରାୟଗଡ଼/ ବ୍ଲକ ଶିକ୍ଷା ଅଧିକାରୀ, ରାୟଗଡ଼ / ସମ୍ପୃକ୍ତ ମଣ୍ଡଳ ପରିଦର୍ଶିକା/ ସମ୍ପୃକ୍ତ ଅଙ୍ଗନୱାଡି କର୍ମୀ ଏବଂ ସମ୍ପୃକ୍ତ ଅଞ୍ଚଳ ଦାୟିତ୍ୱ ରେ ଥିବା A.N.M ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
RAYAGADA
ରାୟଗଡ଼

ପରିପତ୍ର ସଂଖ୍ୟା : ୪୯୮ ତାରିଖ: ୦୭.୦୭.୨୦୨୬

ଏହାର ଏକକିତା ନକଲ ପଞ୍ଚାୟତ ସମିତି କାର୍ଯ୍ୟାଳୟ ରାୟଗଡ଼ , ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ,ରାୟଗଡ଼ ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ନୋଟିସ ବୋର୍ଡ ତଥା ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ଅଞ୍ଚଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଝୁଲାଇ ଦିଆଗଲା।

ସମ୍ପୃକ୍ତ ମଣ୍ଡଳ ମହିଳା ପରିଦର୍ଶିକା ଏହି ନୋଟିସକୁ ଅଙ୍ଗନୱାଡି କେନ୍ଦ୍ର ଗ୍ରାମରେ ଏବଂ ଗ୍ରାମପଞ୍ଚାୟତରେ ଝୁଲାଇ ତାର ସ୍ୱୀକୃତି ପ୍ରାପ୍ତ ଚିଠା କାର୍ଯ୍ୟାଳୟରେ ଦାଖଲ କରିବାକୁ ଅନୁରୋଧ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
RAYAGADA
ରାୟଗଡ଼